# Akashvani, Sambalpur

# SAMBALPURI NEWS MORNING BULLETIN

# 1 June 2026 - 6.47- 6.52 am.

---

କୁଳପତି ସମ୍ମିଳନୀ        ଆଇ ଆଣ୍ଡ୍ ପି.ଆର୍

ଲୋକଭବନ୍‌ର ନ୍ୟୁ ଅଭିଷେକ୍ ହଲ୍ ଠାନେ ଗଲାକାଏଲ୍‌ନୁ ୨ ଦିନିଆ କୁଳପତି ସମ୍ମିଳନୀ ମୁଲ୍ ହେଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସମ୍ମିଳନୀର୍ ଉଦ୍‌ଘାଟନ୍ କରିକରି ଭାରତୀୟ ମୂଲ୍ୟବୋଧ୍‌କେ ଆଧାର୍ କରିକରି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ୍ ବିଶ୍ୱବିଦ୍ୟାଳୟ ଗଠନ୍ ଲାଗି ଆହ୍ୱାନ୍ ଦେଇଛନ୍ । ଜାତୀୟ ଶିକ୍ଷାନୀତି ୨୦୨୦ ର କାର୍ଯ୍ୟାନ୍ୱୟନ୍ ଆଉ ଜନଜାତି ଜ୍ଞାନ୍ ପ୍ରଣାଳୀ ଉପ୍‌ରେ ଗବେଷଣା ଲାଗି ଭିଲ୍ ସେ ଜୋର୍ ଦେଇଛନ୍ । ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ବିଶ୍ୱବିଦ୍ୟାଳୟମାନ୍ ଖାଲି ଡିଗ୍ରୀ ପ୍ରଦାନ୍‌କାରୀ ନାଇଁ ହେଇକରି ଜ୍ଞାନ୍ ବଢ଼ାବାର୍ ନବସୃଜନ ଆଉ ଗବେଷଣାର୍ କେନ୍ଦ୍ର ହେବାର୍ କଥା ବଲି କହିଛନ୍ । ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଲକ୍ଷ୍ୟ

ପୁରା କର୍‌ବାର୍ ଲାଗି ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ରୋଡ୍‌ମେପ୍ ତିଆର୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ସମ୍ମିଲନୀର୍ ୨ ଟା ଅଧିବେଶନ୍‌ଥି ବିଭାଗୀୟ ପଦକ୍ଷେପ୍, ଦକ୍ଷତା ବିକାଶ୍, ଇଂଟନ୍‌ସିପ୍, ଏନ୍‌ସିସି, ଏନ୍‌ଏସ୍‌ଏସ୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନା କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ହି.ସ.

ଭୁବନେଶ୍ୱର୍ ୟୁନିଟ୍ -୨ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ୍ ବିଦ୍ୟାଳୟ ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଜନଶୁଣାଣି ସଖାଲର୍ ୮ ବଜେ ମୁଲ୍ ହେବା । ଗଲା ଏପ୍ରିଲ୍ ୨୭ ତାରିଖ୍ ହେବାର୍‌କେ ଥିବା ଶୁଣାଣି ଲାଗି ଆଘୋନୁ ପଞ୍ଜିକରଣ୍ କରିଥିବା ଆବେଦନ୍‌କାରୀମାନେ ନିଜର୍ ଅଭିଯୋଗ୍ ଜନେଇପାର୍‌ବେ ।

ପିଏମ୍ ସ୍ୱିନିଧି ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଉଠା ଦୁକାନୀମାନ୍‌କୁ ରଣ ଯୁଗେଇକରି ସେମାନ୍‌କୁ ସଶକ୍ତ କର୍‌ବାର୍ ଉଦ୍ଦେଶ୍‌ଥି ମୁଲ୍ ହେଇଥିବା କେନ୍ଦ୍ର ସର୍‌କାର୍‌ଙ୍କର୍ ପିଏମ୍ ସ୍ୱିନିଧି ଯୋଜ୍‌ନାକେ ୬ ବଛର୍ ପୁରା ହେଇଛେ । ଇ ଅବ୍‌ସରେ କେନ୍ଦ୍ର ଗୃହ ନିର୍ମାଣ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରୀ ମନୋହର୍ ଲାଲ୍ ଗଲାକାଏଲ୍ ତ୍ରିପୁରା ନ ପିଏମ୍ ସ୍ୱିନିଧି ହିତାଧିକାରୀମାନ୍‌କୁ କ୍ରେଡ଼ିଟ୍ କାର୍ଡ଼ ଆଉ ରଣ ମଞ୍ଜୁରୀ ପତ୍ର ବାଂଟିଛନ୍ । ପିଏମ୍ ସ୍ୱନିଧି ଯୋଜ୍‌ନା ୨୦୨୦ ମସିହାଥି ମୁଲ୍ ହେଇଥିବାର୍ ବେଲେ ଏବ୍‌ତକ୍ ୧ କୋଟି ୫ ଲାଖ୍ ନୁ ଅଏତ୍‌କା ରଣ ମଞ୍ଜୁର୍ ହେଇଛେ । ଇ ଯୋଜ୍‌ନା ଅଧୀନ୍‌ଥି ୧୭ ହଜାର୍ ୮ ଶହ କୋଟି ନୁ ଅଏତ୍‌କା ଟଙ୍କା ରଣ ଆକାରେ ଦିଆଯାଇଛେ । ଇତାର୍‌ଜରିଏ ୩୪ ଲାଖ୍ ୮୧ ହଜାର୍ ମହିଳା ଉଠା ଦୋକାନୀମାନେ ସଶକ୍ତ ହେଇଛନ୍ ।

ଉଷା ପାଢ଼ୀ           ଆଇ ଆଣ୍ଡ୍ ପି.ଆର୍

ରାଏଜେ ଶସ୍ତା, ସୁଲଭ ଆଉ ସମାବେଶୀ ଗୃହ ପ୍ରକଳ୍ପକେ ବଢ଼ାଯିବା ବଲି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ କହିଛନ୍ । ଭୁବ୍‌ନେଶ୍ୱର୍

ଠାନେ ରାଜ୍ୟ ଗୃହ ନିର୍ମାଣ୍ ବିଭାଗ୍ ଓ.ଏସ୍.ଏଚ୍.ବି. ର ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ପାଢ଼ୀ କହିଛନ୍, ଭିନ୍ ଭିନ୍ ବୃହତ୍ ଆବାସିକ୍ ପ୍ରକଳ୍ପ କାମ୍‌କେ ଜିଲ୍ଲା ସଦର୍ ମହକୁମାକେ ସମ୍ପ୍ରସାରିତ୍ କରାଯିବା । ବୈଠକ୍‌ଥି ବୋର୍ଡ଼ର ଅଗ୍ରଗତି ଆଉ ଆଗ୍‌କେ ହେବାର୍‌କେ ଥିବା କାମ୍ ବାବ୍‌ଦେ ବିଭାଗ୍‌ର ସ୍ୱତନ୍ତ୍ର ସଚିବ ସୂଚ୍‌ନା ଦେଇଥିଲେ । ବୋର୍ଡ଼ ତରଫୁ ଏବ୍‌ତକ୍ ୨୧ ଟା ଜିଲ୍ଲା ନ ୩୨ ହଜାର୍ ୩ ଶହ ୪୩ ଟା ଘର୍ ଆଉ ପ୍ଲଟ୍ ବିକାଶ୍ କରାଯାଇଛେ ।

ରାୟଗଡ଼ା ରେଲ୍ ଡିଭିଜନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାୟଗଡ଼ା ରେଲ୍ ଡିଭିଜନ୍ ଆଏଜ୍‌ଠାନୁ କାର୍ଯ୍ୟକ୍ଷମ୍ ହେବା । ଇ ନୂଆଁ ଡିଭିଜନ୍ ଅଧୀନ୍‌ଥି ରାୟଗଡ଼ା, କୋରାପୁଟ୍, ମାଲ୍‌କାନ୍‌ଗିରି, ନବରଙ୍ଗ୍‌ପୁର୍, ଗଜପତି ଆଉ କନ୍ଧମାଲ୍ ଜିଲ୍ଲା ରହେବା । ୬ ଶହ ନୁ ଅଏତ୍‌କା ଅଧିକାରୀ ଆଉ ରେଲ୍‌କର୍ମଚାରୀ ରାୟଗଡ଼ା ନ କାମ୍ କର୍‌ବେ । ଦକ୍ଷିଣ୍ ଓଡ଼ିଶା ଆଉ ତାର୍ ଆଖର୍ ପାଖର୍ ଇଲାକା ନ ପାଖାପାଖି ୧ ହଜାର୍ ୩ ଶହ ୬୦ କିଲୋମିଟର୍ ବ୍ୟାପିଥିବା ଆଉ

ପାଖାପାଖି ୨୦ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ବହୁତ୍‌ଟେ ପ୍ରମୁଖ୍ ରେଲ୍ ଭିତିଭୂମି ପ୍ରକଳ୍ପର୍ କାର୍ଯ୍ୟକାରିତାକେ ତୁର୍‌ତି କର୍‌ବା । ଇ ଡିଭିଜନ୍ ୪୦ ମିଲିୟନ୍ ଟନ୍ ନୁ ଅଏତ୍‌କା ମାଲ୍ ପରିବହନ୍ କର୍‌ବା ବଲି ଜନାପଡ଼ିଛେ ।

ଛତିଶା ନିଯୋଗ୍ ବୈଠକ୍       ପୁରୀ ସମ୍ବାଦଦାତା

ଆଏବା ସ୍ନାନଯାତ୍ରା, ରଥଯାତ୍ରା ଆଉ ବାହୁଡ଼ା ଯାତ୍ରା ଲାଗି ନୀତି ନିର୍ଘଂଟକେ ଶ୍ରୀମନ୍ଦିର୍ ଛତିଶା ନିଯୋଗ୍ ଆଉ ନୀତି ସବ୍‌କିମିଟିର୍ ଅନୁମୋଦନ୍ ମିଲିଛେ । ଗଲାକାଏଲ୍ ନୀଳାଦ୍ରୀ ଭକ୍ତନିବାସ୍ ନ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ରାଜେନ୍ଦ୍ରଭିଷେକ୍ ଠାନୁ ନୀଳାଦ୍ରୀ ବିଜେତକ୍ ସବୁ ନୀତି ନିର୍ଘଂଟ ଅନୁମୋଦିତ୍ ହେଇଛେ । ସ୍ନାନଯାତ୍ରା, ରଥଯାତ୍ରା ବେଲ୍‌କେ ଶୃଙ୍ଖଲିତ୍ ପହଣ୍ଡି, ଦର୍ଶନ୍ ଆଉ ସୁରକ୍ଷା ବ୍ୟବସ୍ଥା ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଛେ । କେନ୍‌ସି ପ୍ରକାରର୍ ଅଘଟନ୍‌କେ ରୁକ୍‌ବାର୍ ଲାଗି ପ୍ରଶାସନ୍ ପୁରାପୁରି ପ୍ରସ୍ତୁତ୍ ଅଛେ । ଆଏବା ୫ ତାରିଖ୍ ପରିଚାଳନା କମିଟି ବୈଠକ୍‌ଥି ଚୂଡ଼ାନ୍ତ ନିଷ୍ପତି ନିଆଯିବା ।

ବିଶ୍ୱ ଦୁଗ୍ଧ ଦିବସ୍            ଆଇ ଆଣ୍ଡ ପି.ଆର୍

ଗୁରସ୍ ଆର୍ ସେଥୁ ତିଆର୍ ହଉଥିବା ଖାଏବାର୍ ଦରବ୍‌ର ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ଜୁନ୍ ୧ ତାରିଖ୍‌କେ ବିଶ୍ୱ ଦୁଗ୍ଧ ଦିବସ୍ ଭାବେ ପାଲନ୍ କରାଯାଉଛେ । ମିଲିତ ଜାତିସଂଘର୍ ଖାଦ୍ୟ ଆଉ କୃଷି ସଂଗଠନ୍ ତର୍‌ଫୁ ପହେଲା କରି ଇ ଦିବସ୍ ପାଲନ୍ କରାଯାଇଥିଲା । ଇ ବଛର୍ ବିଶ୍ୱ ଦୁଗ୍ଧ ଦିବସ୍‌ର ପ୍ରସଙ୍ଗ ରହିଛେ ‘ମହିଲା ଦୁଗ୍ଧ ଚାଷୀମାନ୍‌କୁ ସମ୍ମାନ୍’ ।

ଜିଲ୍ଲାପାଲ୍ ବୈଠକ୍         ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ସତର୍କତା ଆଉ ଅନୁଧ୍ୟାନ୍ କମିଟିର୍ ସମୀକ୍ଷା ବୈଠକ୍ ଗଲାକାଏଲ୍ ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ସାମାଜିକ୍ ଆଇନ୍ ମାମ୍‌ଲା, କଲ୍ୟାଣ୍‌କାରୀ ସାହାଜ୍ ବଂଟନ୍, ଆଉ ଭିତିଭୂମି ପ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଥିଲା ।

ବୈଠକ୍‌ରେ ଯୋଜନା ବୋର୍ଡ୍‌ ଅଧ୍ୟକ୍ଷ ଆଉ କଂଟାବାଞ୍ଜି ବିଧାୟକ୍‌ ଲକ୍ଷ୍ମଣ ବାଗ୍‌ଙ୍କର୍‌ ସହେତେ ବିଭାଗୀୟ ଅଧିକାରୀ ଆଉ କମିଟି ସଦସ୍ୟମାନେ ଉପସ୍ଥିତ୍‌ ଥିଲେ ।

ପୋଷଣ୍‌ ଅଭିଯାନ-ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ପୋଷଣ୍‌ ଅଭିଯାନ୍‌ର ଅଗ୍ରଗତିକେ ନେଇକରି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍‌ ଜିଲ୍ଲାପାଲ୍‌ଙ୍କର୍‌ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ଜିଲ୍ଲାପାଲ୍‌ ବିଭୂତି ଭୂଷଣ୍‌ ନାୟକ୍‌ଙ୍କର୍‌ ଅଧ୍ୟକ୍ଷତାରେ ହେଇଥିବାର୍‌ ବୈଠକ୍‌ରେ ଭିନ୍‌ ଭିନ୍‌ ଯୋଜ୍‌ନାର୍‌ କାର୍ଯ୍ୟକାରିତାର୍‌ ସମୀକ୍ଷା କରାଯାଇଛେ । ଜିଲ୍ଲାପାଲ୍‌ ପୋଷଣ୍‌ ଅଭିଯାନ୍‌ ସହେତେ ସୁଭଦ୍ରା ଯୋଜ୍‌ନା, ମମତା ଆଉ ପ୍ରଧାନ୍‌ମନ୍ତ୍ରୀ ମାତୃବନ୍ଦନା ଯୋଜ୍‌ନାର୍‌ ସ୍ଥିତି ସମୀକ୍ଷା କରିଛନ୍‌ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ଜାରି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଢ଼କ୍ ମାରିକରି ବର୍ଷା ହେବା ବଲି ରାଜ୍ୟର୍ ୨୬ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୨/୩ ଦିନ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍ ଲାଗି ରହେବା ଆଉ ତାପମାତ୍ରା ୩ ନୁ ୪ ଡିଗ୍ରୀତକ୍ କମ୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।